# ପ୍ରାଣକୃଷ୍ଣ ପରିଜା ଲୋକପ୍ରିୟ ବିଜ୍ଞାନ ପୁରସ୍କାର

**ଓଡ଼ିଶା ବିଜ୍ଞାନ ଏକାଡ଼େମୀ**

କ୍ୱାର୍ଟର ନଂ-୨୫, ୪-ଆର୍ (ଏଫ୍),

ୟୁନିଟ୍-୯, ଭୁବନେଶ୍ୱର-୭୫୧ ୦୨୨

ଫୋନ୍-୨୫୪୩୪୬୮

# ଓଡ଼ିଶା ବିଜ୍ଞାନ ଏକାଡ଼େମୀ

## ପ୍ରାଣକୃଷ୍ଣ ପରିଜା ଲୋକପ୍ରିୟ ବିଜ୍ଞାନ ପୁରସ୍କାର

୧. **ଉପକ୍ରମ :** ସାଧାରଣ ଲୋକଙ୍କ ଦୈନନ୍ଦିନ ଜୀବନରେ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀର ଉନ୍ମେଷ ଘଟିଲେ ତାହା ସାମାଜିକ ପରିବର୍ତ୍ତନ ଓ ବିକାଶକୁ ତ୍ୱରାନ୍ୱିତ କରିଥାଏ । ବିଜ୍ଞାନ ଓ ବୈଷୟିକ ଜ୍ଞାନର ସୁଫଳ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ଲକ୍ଷ୍ୟରେ ଓଡ଼ିଶା ବିଜ୍ଞାନ ଏକାଡ଼େମୀ ଓଡ଼ିଆ ଭାଷାରେ ଗୁଣାତ୍ମକ ଲୋକପ୍ରିୟ ବିଜ୍ଞାନ ପୁସ୍ତକ ପ୍ରଣୟନ ଓ ପ୍ରକାଶନକୁ ପ୍ରୋତ୍ସାହିତ କରିବା ପାଇଁ ଯୋଜନା ନିର୍ଦ୍ଧାରଣ କରିଛି । ଏହି ଯୋଜନା ମାଧ୍ୟମରେ ଓଡ଼ିଆ ଭାଷାରେ ଲିଖିତ ଉଚ୍ଚକୋଟିର ଲୋକପ୍ରିୟ ବିଜ୍ଞାନ ପୁସ୍ତକର ରଚୟିତାଙ୍କୁ ଯଥାବିଧି ପୁରସ୍କୃତ କରାଯିବ ।

୨. (କ) ଓଡ଼ିଆ ଭାଷାରେ ଲୋକପ୍ରିୟ ବିଜ୍ଞାନ ସମ୍ବନ୍ଧୀୟ ପୁସ୍ତକର ରଚନା ଓ ପ୍ରକାଶନକୁ ପ୍ରୋତ୍ସାହନ ଦେବା ତଥା ବିଜ୍ଞାନକୁ ଲୋକପ୍ରିୟ କରିବା ଦିଗରେ ଲେଖକମାନଙ୍କର ଅବଦାନକୁ ସ୍ୱୀକୃତି ଦେବା ଲକ୍ଷ୍ୟରେ ଓଡ଼ିଶା ବିଜ୍ଞାନ ଏକାଡ଼େମୀ ଉଚ୍ଚ କୋଟିର ଲୋକପ୍ରିୟ ବିଜ୍ଞାନ ପୁସ୍ତକ ରଚୟିତାଙ୍କ ପାଇଁ ବାର୍ଷିକ ପୁରସ୍କାର ଯୋଜନା ପ୍ରବର୍ତ୍ତନ କରିଛି । ନିମ୍ନ ପ୍ରଦତ୍ତ ତିନି କିସମର ପୁସ୍ତକକୁ ଏହି ଯୋଜନାରେ ପରିସରଭୁକ୍ତ କରାଯାଇଛି ।

* ସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ଲୋକପ୍ରିୟ ବିଜ୍ଞାନ ପୁସ୍ତକ ।

** ଶିଶୁଙ୍କ ପାଇଁ ଉଦ୍ଦିଷ୍ଟ ବିଜ୍ଞାନ ପୁସ୍ତକ ।

*** ନବସାକ୍ଷରଙ୍କ ପାଇଁ ଉଦ୍ଦିଷ୍ଟ ବିଜ୍ଞାନ ପୁସ୍ତକ ।

(ଖ) ପ୍ରକାଶିତ ପୁସ୍ତକଗୁଡ଼ିକରେ ବିଜ୍ଞାନ ସମ୍ବନ୍ଧୀୟ ପ୍ରବନ୍ଧ, କ୍ଷୁଦ୍ରଗଳ୍ପ, ବିଜ୍ଞାନ ଏବଂ ବୈଷୟିକ ଜ୍ଞାନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଆବିଷ୍କାର ଓ ଉଦ୍ଭାବନ ସଂପର୍କୀୟ ତଥ୍ୟାବଳୀ, ବିଜ୍ଞାନଧର୍ମୀ କଥାବସ୍ତୁ ଉପରେ ଆଧାରିତ ଉପନ୍ୟାସ ଓ ନାଟକ, ବିଜ୍ଞାନ ସମ୍ବନ୍ଧୀୟ ବିସ୍ତୃତ ବିଶ୍ଳେଷଣାତ୍ମକ ରଚନା, ପ୍ରଖ୍ୟାତ ବୈଜ୍ଞାନିକମାନଙ୍କର ଜୀବନୀ ଇତ୍ୟାଦି ସ୍ଥାନ ପାଇବା ଆବଶ୍ୟକ । ଏହି ରଚନାଗୁଡ଼ିକ ପରିଶିଷ୍ଟ-୧ରେ ଥିବା ଯେକୌଣସି ବିଭାଗରେ ଅନ୍ତର୍ଭୁକ୍ତ ହେବା ଆବଶ୍ୟକ ।

୩. (କ) କୋଡ଼ିଏ ହଜାର ଟଙ୍କା ମୂଲ୍ୟର ଗୋଟିଏ ପୁରସ୍କାର ବର୍ଷମଧ୍ୟରେ ପ୍ରକାଶିତ ସର୍ବଶ୍ରେଷ୍ଠ ଜନପ୍ରିୟ ବିଜ୍ଞାନ ପୁସ୍ତକର ଲେଖକଙ୍କ ପାଇଁ ଉଦ୍ଦିଷ୍ଟ । ଏହା ଅନୁଚ୍ଛେଦ ୨ (କ)ରେ ନିର୍ଦ୍ଧାରିତ ଯେକୌଣସି ଗୋଟିଏ କିସମର ପୁସ୍ତକ ହୋଇଥିବା ଆବଶ୍ୟକ ।

(ଖ) ଏହାଛଡ଼ା ଅବଶିଷ୍ଟ ଦୁଇଟି କିସମର ଶ୍ରେଷ୍ଠ ଜନପ୍ରିୟ ବିଜ୍ଞାନ ପୁସ୍ତକର ଲେଖକଙ୍କୁ ଦଶ ହଜାର ଟଙ୍କା ମୂଲ୍ୟର ଗୋଟିଏ ଲେଖାଏଁ କୃତିତ୍ୱ ପୁରସ୍କାର ପ୍ରଦାନ କରାଯିବାର ବ୍ୟବସ୍ଥା ହୋଇଅଛି । ଅର୍ଥ ପୁରସ୍କାର ସହିତ ପ୍ରତ୍ୟେକ ପୁରସ୍କୃତ ଲେଖକଙ୍କୁ ପ୍ରତିଭା ପ୍ରମାଣପତ୍ର ପ୍ରଦାନ କରାଯିବ ।

୪. **ପୁରସ୍କାର ପାଇଁ ଆବେଦନ ଓ ମନୋନୟନର ନିୟମାବଳୀ :**

(କ) ପ୍ରତି ବର୍ଷ ଓଡ଼ିଆ ସମ୍ବାଦପତ୍ରମାନଙ୍କରେ ବାର୍ଷିକ ପୁରସ୍କାର ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ କରାଯିବ ।

(ଖ) ପରିଶିଷ୍ଟ-୨ ମୁତାବକ ନିର୍ଦ୍ଦିଷ୍ଟ ନିୟମାବଳୀ (Prescribed Format) ଭିତ୍ତିରେ ପ୍ରସ୍ତୁତ ଓ ନିର୍ଦ୍ଦିଷ୍ଟ ତାରିଖ ମଧ୍ୟରେ ଦାଖଲ ହୋଇଥିବା ସମସ୍ତ ମନୋନୟନ/ଆବେଦନପତ୍ରଗୁଡ଼ିକୁ ବିଚାରକୁ ନିଆଯିବ ।

(ଗ) ପୁସ୍ତକ ପ୍ରକାଶକ, ଖ୍ୟାତିସଂପନ୍ନ ବୈଜ୍ଞାନିକ, ବିଜ୍ଞାନ ସମ୍ବନ୍ଧୀୟ ସଙ୍ଗଠନ, ଶିକ୍ଷାନୁଷ୍ଠାନ, ପ୍ରତିଷ୍ଠାନର ମୁଖ୍ୟ ଓ ପୂର୍ବ ବର୍ଷମାନଙ୍କରେ ଲୋକପ୍ରିୟ ବିଜ୍ଞାନ ଲେଖକ ପୁରସ୍କାର ବିଜେତାମାନେ ମନୋନୟନପତ୍ର ଦାଖଲ କରିପାରିବେ । ଏତଦ୍‌ବ୍ୟତୀତ ସରକାରୀ ବିଭାଗ ଏବଂ ରାଜ୍ୟର ଅନ୍ୟ ମାନ୍ୟଗଣ୍ୟ ନାଗରିକ ମଧ୍ୟ ଜନପ୍ରିୟ ବିଜ୍ଞାନ ପୁସ୍ତକ ମନୋନୟନପତ୍ର ଦାଖଲ କରିପାରିବେ । ମାତ୍ର ଏପରି ସରକାରୀ ବିଭାଗ ବା ବ୍ୟକ୍ତିବିଶେଷ ଦାଖଲ କରିଥିବା ମନୋନୟନପତ୍ର ଏକାଡ଼େମୀର ନିର୍ବାହୀ ପରିଷଦ ଦ୍ୱାରା ସ୍ୱୀକୃତ ହେବା ଆବଶ୍ୟକ ।

(ଘ) ମନୋନୟନ ପତ୍ର ସହିତ ବିବେଚନା ପାଇଁ ସୁପାରିଶ୍ କରାଯାଇଥିବା ପୁସ୍ତକର ତିନିକିତା (ଫେରସ୍ତ ଦିଆଯିବ ନାହିଁ) ଦାଖଲ କରିବାକୁ ହେବ ।

(ଙ) ବିଚାର ପାଇଁ ଉପସ୍ଥାପିତ ହୋଇଥିବା ପୁସ୍ତକ ପୁରସ୍କାର ବର୍ଷକୁ ମିଶାଇ ପୂର୍ବ ତିନି ବର୍ଷ ମଧ୍ୟରେ ପ୍ରକାଶିତ ହୋଇଥିବା ଆବଶ୍ୟକ । ଉକ୍ତ ତିନି ବର୍ଷ ପୂର୍ବରୁ ପ୍ରକାଶିତ ହୋଇଥିବା ପୁସ୍ତକର **ପୁନଃ ସଂସ୍କରଣ ବିଚାରକୁ ନିଆଯିବ ନାହିଁ ।**

(ଚ) ଓଡ଼ିଶା ବିଜ୍ଞାନ ଏକାଡ଼େମୀର ପୁରସ୍କାର ଉପଦେଷ୍ଟା କମିଟି ବିଚାର ପାଇଁ ଉପସ୍ଥାପିତ ହୋଇଥିବା ପୁସ୍ତକଗୁଡ଼ିକ ଉପରେ ପ୍ରାଥମିକ ସମୀକ୍ଷା କରି ନିୟମାନୁସାରେ ଦାଖଲ ହୋଇଥିବା ପୁସ୍ତକଗୁଡ଼ିକୁ ବିଶେଷଜ୍ଞ ବିଚାରକ ମଣ୍ଡଳୀଙ୍କ ମୂଲ୍ୟାୟନ ଓ ସୁପାରିଶ୍ ପାଇଁ

ପଠାଇବେ । ଓଡ଼ିଶା ବିଜ୍ଞାନ ଏକାଡ଼େମୀର  ପୁରସ୍କାର ଉପଦେଷ୍ଟା କମିଟି ଙ୍କ ଅନୁମୋଦିତ ବିଶେଷଜ୍ଞ ବିଚାରକମାନଙ୍କ ନାମ ତାଲିକା ମଧ୍ୟରୁ ବିଚାରକ ମଣ୍ଡଳୀ ମନୋନୟନ କରାଯିବ ।

(ଛ) ଏହି ପୁରସ୍କାର ଓଡ଼ିଶା ବିଜ୍ଞାନ ଏକାଡ଼େମୀ ଦ୍ୱାରା ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ପ୍ରଦାନ କରାଯିବ । ପ୍ରତି ବର୍ଷ ଫେବୃୟାରୀ ମାସ ୨୮ ତାରିଖ ଜାତୀୟ ବିଜ୍ଞାନ ଦିବସରେ ବା ଅନ୍ୟ କୌଣସି ଦିନ ଏହି ଉତ୍ସବର ଆୟୋଜନ କରାଯିବ ।

(ଜ) ବିଚାରକ ମଣ୍ଡଳୀ ପ୍ରତ୍ୟେକ କିସମର ପୁସ୍ତକ ରଚୟିତାଙ୍କ ମଧ୍ୟରୁ ଜଣେ ଲେଖାଏଁ ରଚୟିତାଙ୍କ ନାମ ପୁରସ୍କାର ପାଇଁ ଅନୁମୋଦନ କରିବେ ।

୫. ଜଣେ ଲେଖକ ଦଶ ବର୍ଷ ଭିତରେ କେବଳ ଥରେ ମାତ୍ର  ପ୍ରାଣକୃଷ୍ଣ ପରିଜା ଲୋକପ୍ରିୟ ବିଜ୍ଞାନ ପୁରସ୍କାର  ପାଇପାରିବେ ।

୬. ଓଡ଼ିଶା ବିଜ୍ଞାନ ଏକାଡ଼େମୀର ସଭାପତି/ଉପସଭାପତି/ସଂପାଦକ/ଯୁଗ୍ମ ସଂପାଦକ/କୋଷାଧ୍ୟକ୍ଷ ଏବଂ ନିର୍ବାହୀ ପରିଷଦର ସଭ୍ୟମାନଙ୍କୁ ସେମାନଙ୍କ କାର୍ଯ୍ୟକାଳ ମଧ୍ୟରେ ଏହି ପୁରସ୍କାର ପାଇଁ ମନୋନୟନ କରାଯାଇପାରିବ ନାହିଁ । ଯଦି ଉପରୋକ୍ତମାନଙ୍କ ମଧ୍ୟରୁ କେହି କୌଣସି ଲେଖକଙ୍କ ମନୋନୟନପତ୍ର ଦାଖଲ କରିଥାନ୍ତି ତେବେ ସେ ପୁରସ୍କାର ଉପଦେଷ୍ଟା ମଣ୍ଡଳୀ ଓ କୌଣସି ବିଶେଷଜ୍ଞ ବିଚାରକ ମଣ୍ଡଳୀର ସଭ୍ୟ ହୋଇପାରିବେ ନାହିଁ ।

## ପରିଶିଷ୍ଟ - ୧

## ବିଜ୍ଞାନ ଓ ବୈଷୟିକ ବିଦ୍ୟା

୧. ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଗଣିତ ବିଜ୍ଞାନ, ଭୂତତ୍ତ୍ୱ, ଜ୍ୟୋତିର୍ବିଜ୍ଞାନ, ଉଦ୍ଭିଦ ବିଜ୍ଞାନ, ପ୍ରାଣୀ ବିଜ୍ଞାନ, ପରିବେଶ ବିଜ୍ଞାନ, ନଭୋ ଓ ପାଣିପାଗ ବିଜ୍ଞାନ, ମହାକାଶ ବିଜ୍ଞାନ, କୃଷି ବିଜ୍ଞାନ, କୃଷି ଉଦ୍ୟାନ, ପଶୁ ପାଳନ, ମତ୍ସ୍ୟ ଓ ବନ ବିଜ୍ଞାନ, ଭେଷଜ, ସ୍ୱାସ୍ଥ୍ୟ ଓ ପୁଷ୍ଟି ବିଜ୍ଞାନ, ମନୋବ୍ୟାଧି ଚିକିତ୍ସା ବିଜ୍ଞାନ, ପ୍ରାକୃତିକ ସଂପଦ, ବିଦ୍ୟୁତ୍-ଆଣବିକ ବିଜ୍ଞାନ, ବସ୍ତୁ ବିଜ୍ଞାନ, ନୃତତ୍ତ୍ୱ ବିଜ୍ଞାନ, ସାଇବରନେଟିକ୍ସ (Cybernatics), ଯାନ୍ତ୍ରିକ ଓ ବୈଷୟିକ ବିଦ୍ୟାର ସମସ୍ତ ବିଭାଗ, ଗ୍ରାମୀଣ କାରିଗରୀ ବିଦ୍ୟା, ସୂଚନା ବିଜ୍ଞାନ, ଯୋଗାଯୋଗ, ପ୍ରାକୃତିକ ବିପର୍ଯ୍ୟୟ ଓ ପୂର୍ବ ସୂଚନା, ଶକ୍ତି, ଅପରାଧ ବିଜ୍ଞାନ (Forensic Science) ଇତ୍ୟାଦି ।

## ବିବିଧ

୨. ଅଲୌକିକ ଘଟଣାର ବ୍ୟାଖ୍ୟା, ମାଦକ ଦ୍ରବ୍ୟର କୁପ୍ରଭାବ, ଭବିଷ୍ୟତ ସୂଚନା, ବୈଜ୍ଞାନିକଙ୍କ ଜୀବନୀ ଇତ୍ୟାଦି ।

***